# ଜିଲ୍ଲା କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା

ନଂ ....(1451)/୧୪୪୧........ ତାରିଖ ....୧୮.୦୪.୨୦୧୮....

**ବିଜ୍ଞାପନ**

ଏତଦ୍ ଦ୍ୱାରା ସର୍ବସାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦୧୮ ମସିହା ବନ୍ୟା ସମୟରେ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ ପାଇଁ ୨୫ (ପଚିଶ) ଗୋଟି ଅସ୍ଥାୟୀ ଲଂଚ୍ ଡ୍ରାଇଭର ଓ ୨୫ (ପଚିଶ) ଗୋଟି ଅସ୍ଥାୟୀ ଖଲାସୀ ମାସିକ ଯଥା କ୍ରମେ ଟ. ୮୮୮୦/- (ଆଠ ହଜାର ଆଠଶହ ଅଶି) ଓ ଟ. ୮୦୭୦/-( ଆଠ ହଜାର ସତୁରି) ଟଙ୍କା ପାରିଶ୍ରମିକରେ ତା୧.୬.୨୦୧୮ ରୁ ୩୦.୧୧.୨୦୧୮ ରିଖ ପର୍ଯ୍ୟନ୍ତ ନିଯୁକ୍ତି ନିମନ୍ତେ ଇଚ୍ଛୁକ ପ୍ରାର୍ଥିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ପଦବୀ ମାନଙ୍କରେ ନିଯୁକ୍ତ ବ୍ୟକ୍ତିଙ୍କୁ ଉପରୋକ୍ତ ପାରିଶ୍ରମିକ ବ୍ୟତୀତ ମହଙ୍ଗା ଭତା କିମ୍ବା ଅନ୍ୟ କୌଣସି ଭତା ଦିଆଯିବ ନାହିଁ ।

ଲଂଚ୍ ଡ୍ରାଇଭର ଓ ବୋଟ ଖଲାସୀ ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ସପ୍ତମ ଶ୍ରେଣୀ ପାସ କରିଥିବେ ଏବଂ ବୟସ ସୀମା ତା ୦୧-୦୬-୨୦୧୮ ସୁଦ୍ଧା ୧୮ ବର୍ଷରୁ ୬୦ବର୍ଷ ମଧ୍ୟରେ ହୋଇଥିବ ।

ଲଂଚ୍ ଡ୍ରାଇଭର ପାଇଁ ଆବେଦନ କରୁଥିବା ପ୍ରାର୍ଥୀ ମାନଙ୍କର ଅନ୍ୟୂନ ଦ୍ୱିତୀୟ ଶ୍ରେଣୀ ଲଂଚ୍ ଡ୍ରାଇଭିଙ୍ଗ, ପ୍ରମାଣପତ୍ର ଥିବା ବାଞ୍ଛନୀୟ ।

ଲଂଚ୍ ଡ୍ରାଇଭର ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀ ମାନଙ୍କ ପାଇଁ ଷ୍ଟେଟ ପୋର୍ଟ ଇଞ୍ଜିନିୟର କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ବୈଷୟିକ ପରୀକ୍ଷା କରାଯିବ ଏବଂ ଉକ୍ତ ବୈଷୟିକ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ମାନେ ଲଂଚ୍ ଡ୍ରାଇଭର ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ ।

ବୋଟ ଖଲାସୀ ପାଇଁ ନୂତନ ଭାବେ ଆବେଦନ କରୁଥିବା ପ୍ରାର୍ଥୀଙ୍କର କୌଣସି ସରକାରୀ କ୍ରିଉ ଟ୍ରେନିଂ ଅନୁଷ୍ଠାନରୁ ଅନ୍ୟୂନ ୩ ମାସ କ୍ରିଉ ଟ୍ରେନିଂ ପାଇଥିବା ପ୍ରମାଣପତ୍ର ଥିବା ବାଞ୍ଛନୀୟ । କିନ୍ତୁ ପୂର୍ବରୁ ଉକ୍ତ ପଦବୀରେ ଷ୍ଟେଟ ପୋର୍ଟ ଇଞ୍ଜିନିୟରିଂ ସଂସ୍ଥାରେ କାର୍ଯ୍ୟ କରିଥିବା ଅଭିଜ୍ଞତା ସଂପନ୍ନ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସରକାରୀ କ୍ରିଉ ଟ୍ରେନିଂ ପ୍ରମାଣ ପତ୍ର ଦାଖଲ କରିବାକୁ ପଡ଼ିବ ନାହିଁ ।

ସମସ୍ତ ଆବେଦନକାରୀ ସରକାରୀ ଡ଼ାକ୍ତରଙ୍କ ଠାରୁ ସୁସ୍ଥତା ପ୍ରମାଣପତ୍ର ଦରଖାସ୍ତ ସହ ଦାଖଲ କରିବେ । ସମସ୍ତ ପ୍ରାର୍ଥୀ ମାନଙ୍କର ୨୦ (କୋଡିଏ) ମିନିଟ୍ ଲଗାତର ନଦୀରେ, କେନାଲରେ କିମ୍ବା ଯେ କୌଣସି ଜଳ ଉତ୍ସରେ ପହଁରିବାର ଦକ୍ଷତା ଥିବା ଅବଶ୍ୟକ । ଷ୍ଟେଟ ପୋର୍ଟ ଇଞ୍ଜିନିୟର କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ପହଁରା ପରୀକ୍ଷା କରାଯିବ ଏବଂ ଉକ୍ତ ପରୀକ୍ଷାରେ ପ୍ରାର୍ଥୀମାନେ ପାସ କରିବାକୁ ପଡିବ ଉକ୍ତ ପରୀକ୍ଷା ପୂର୍ବରୁ ସମସ୍ତ ପ୍ରାର୍ଥୀ ଏକ ଘୋଷଣାପତ୍ରରେ ଉଲ୍ଲେଖ କରିବେଯେ ସେମାନେ ୨୦ ମିନିଟ ଲଗାତର ପହଁରି ପାରିବେ ଏବଂ କୌଣସି ଦୁର୍ଘଟଣାହେଲେ ନିଜେ ଦାୟୀ ରହିବେ ।

ନିର୍ଦ୍ଧାରିତ ବୟସ ସୀମା ମଧ୍ୟରେ ଥିବା ଅଭିଜ୍ଞତା ସଂପନ୍ନ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦିଆଯିବ ।

ଦରଖାସ୍ତକାରୀମାନେ ଉପରଲିଖିତ ପ୍ରମାଣପତ୍ର ନକଲ ସହ ସେମାନଙ୍କ ଦରଖାସ୍ତ ମୁଦାଲଫାପାରେ **ତା.୩୦.୦୫.୨୦୧୮** ରିଖ ସୁଦ୍ଧା ଜିଲ୍ଲା ଜରୁରୀ ବିଭାଗରେ ଥିବା ମୁଦ୍ରିତ ବାକ୍ସରେ କିମ୍ବା ଜିଲ୍ଲା ଜରୁରୀକାଳିନ ଅଧିକାରୀ ଗରାପୁର **କେନ୍ଦ୍ରାପଡ଼ା ପିନ - ୭୫୪୨୧୧** ଠିକଣାରେ ରେଜିଷ୍ଟ୍ରଡାକ/ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ଦାଖଲ କରିପାରିବେ । ଧାର୍ଯ୍ୟ ତାରିଖପରେ ପ୍ରାପ୍ତ ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ । **ସମସ୍ତ** ପ୍ରାର୍ଥୀମାନଙ୍କର **ତା.୦୧.୦୬.୨୦୧୮** ରିଖ ପୂର୍ବାହ୍ନ ୮ ଘଟିକା ସମୟରେ ମାର୍ଶାଘାଇ ଲଂଚ୍ ଘାଟଠାରେ ବୈଷୟିକ ପରୀକ୍ଷା ଓ **ପହଁରା ପରୀକ୍ଷା କରାଯିବ ଓ ତା. ୦୨.୦୬.୨୦୧୮** ରିଖରେ ସାକ୍ଷାତକାର ଓ ପ୍ରମାଣପତ୍ର ତନଖି ଅତିରିକ୍ତ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟ ପ୍ରକୋଷରେ ପୂର୍ବାହ୍ନ ୯ ଘଟିକା ସମୟରେ ଅନୁଷ୍ଠିତ ହେବ ଏବଂ ଏଥିପାଇଁ ପ୍ରାର୍ଥୀମାନଙ୍କୁ ଆଉ ପୁନର୍ବାର ଜଣାଇ ଦିଆଯିବନାହିଁ । ।

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା...୧୪୪୨.../ତା...୧୮.୦୫.୨୦୧୮

ଏହାର ଏକକିତା ନକଲ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା...୧୪୪୩.../ତା...୧୮.୦୫.୨୦୧୮

ଏହାର ଏକକିତା ନକଲ ସମସ୍ତ ତହସିଲଦାର/ ମଣ୍ଡଳ ଉନ୍ନୟନ ଅଧିକାରୀ/ନିର୍ବାହୀ ଅଧିକାରୀ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥାକୁ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବାପାଇଁ ପ୍ରେରଣ କରାଗଲା ।

ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା...୧୪୪୪.../ତା...୧୮.୦୫.୨୦୧୮

ଏହାର ନକଲ ଷ୍ଟେଟ୍‌ପୋଟ ଇଞ୍ଜିନିୟର, ଓଡ଼ିଶାଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଗଲା । ବୈଷୟିକ ପରୀକ୍ଷା ଓ ସାକ୍ଷାତକାର **ପରୀକ୍ଷା** ସମୟରେ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ନିଜେ କିମ୍ବା ନିଜର କ୍ଷମତା ପ୍ରାପ୍ତ ଅଧିକାରୀ ଉପସ୍ଥିତ ରହିବାପାଇଁ ଅନୁରୋଧ କରାଗଲା ।

ଜିଲ୍ଲାପାଳ,କେନ୍ଦ୍ରାପଡ଼ା

ପରିପତ୍ର ସଂଖ୍ୟା...୧୪୪୫.../ତା...୧୮.୦୫.୨୦୧୮

ଏହାର ନକଲ ସ୍ୱତନ୍ତ୍ର ରିଲିଫ୍ କମିଶନର ଓଡ଼ିଶାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ,କେନ୍ଦ୍ରାପଡ଼ା